ଜଟାୟୁ



# ସାଥୀ

କବି ରଘୁନାଥ ଦାସ

(ଗୋଟିଏ ରୁଷୀୟ ଗଳ୍ପ)

ତାଙ୍କ ଭିତରୁ ଜଣଙ୍କର ନାଁ ଥିଲା ଜିଗ୍‌ଲେଗ୍ ଓ ଅନ୍ୟ ଜଣଙ୍କର ନାଁ ହେଉଛି ହୋପ୍‌ଫୁଲ। ଦି' ଜଣଙ୍କର ପେସା ହେଉଛି ଚୋରି ।

ସେମାନେ ରହୁଥିଲେ ସହରଠୁ ଟିକିଏ ଛାଡ଼ି ଗୋଟିଏ ଗାଁରେ । ଗାଁଟିର ଅବସ୍ଥିତି ହେଉଛି ଗୋଟାଏ ଗିରି ସଂକଟ ଭିତରେ ... ଏପଟକୁ ସେପଟକୁ ବିଚିତ୍ର ଆକାରରେ ତାର ପ୍ରସାର । ଦି' ଜଣ ଯାକ ରହୁଥିଲେ ଗୋଟିଏ କୁଡ଼ିଆରେ –କୁଡ଼ିଆ ମାଟି ଓ ସତାକାଠରେ ତିଆରି। କୁଡ଼ିଆଟି ଦେଖିଲେ ମନେହୁଏ ସେଇଟା ଗୋଟାଏ ଖତଗଦା ଯେପରି। ଯାବତ ଆବର୍ଜନା ସତେ ଯେପରି କେହି ଉପରକୁ ସେଠି ଅଜାଡ଼ି ଦେଇଛି। ଦୁଇବନ୍ଧୁ ଆଖପାଖ ଗାଁମାନଙ୍କରୁ ଚୋରି କରନ୍ତି; ସହରରେ ଚୋରି କରନ୍ତି ନାହିଁ;କାରଣ ସେଠି ଚୋରି କରିବା କାଠିକର ପାଠ, ଆଉ ବି ସହର ତଳିରେ ଯେଉଁମାନେ ବସବାସ କରୁଥିଲେ ତାଙ୍କଠି ଥାଏ ବା କଅଣ ଯେ ସେମାନେ ଚୋରି କରିବେ ।

ଦି'ଜଣଯାକ ଥିଲେ ହୁସିଆର ଲୋକ, ସଂଯତ ସ୍ବଭାବର, ଖଣ୍ଡେ ଲୁଗା, ଗୋଟାଏ କୋଟ୍ କି  ଗୋଟାଏ କୋଦାଳ, ଗୋଟାଏ ଘୋଡ଼ାସାଜ, ଜାମାଖଣ୍ଡେ ବା ଗୋଟାଏ କୁକୁଡ଼ା ଏଇ ହେଉଛି ତାଙ୍କର ଚୋରି, ଆଉ ଯୋଉ ଗାଁରୁ ଜିନିଷଟା ଚୋରି କରନ୍ତି ସେ ଗାଁଠୁ ଅନେକ ଦିନ ଦୂରେ ରହନ୍ତି।  କିନ୍ତୁ ବୁଝି ବିଚାରି ଏପରି କାର୍ଯ୍ୟଟି କଲେ ବି ସହରତଳି ଚାଷୀମାନେ ତାଙ୍କୁ ଆଛାକରି ଚିହ୍ନିଛନ୍ତି ଆଉ କହିଛନ୍ତି , "ଯେବେ ଧରିବୁ, ମାରି ମାରି ଜାନ୍ ନିକାଳି ଦବୁଁ।" ଦି ବରଷ ହେଲା ଦି'ଜଣ ଯାକ ଏକଥା ଶୁଣି ଆସୁଥିଲେ ବି ଚାଷୀମାନେ ଏହା ଭିତରେ କେବେ ସୁଯୋଗ ପାଇନାହାନ୍ତି। ସେଥିଯାଗୁଁ ଦୁଇ ବନ୍ଧୁଙ୍କର ହାତଗୁଡ଼ିକ ଅତୁଟ ରହିଛି ଅଦ୍ୟାବଧି।

ଜିଗ୍‌ଲେଗ୍ ବୟସ ହେଉଛି ଚାଳିଶ ବର୍ଷ, ଦେଖିବାକୁ ଡେଙ୍ଗା, ଟିକିଏ ଶୁକୁଟା, ହେଲେ ବେଶ୍ ବଳୁଆ। ମୁଣ୍ଡକୁ ତଳକୁ ହାଣି ସେ ଚାଲେ, ଲମ୍ବା ହାତ ଦି'ଟା ତା'ର ପଛପଟକୁ। ଡେଙ୍ଗା ଡେଙ୍ଗା ଗୋଡ଼ ଦିଟା ଧୀରେ ଧୀର ସୁସ୍ଥେ ପକାଏ ସେ । ସେ ଚାଲିଥାଏ, ଆଉ ତା'ର ସଂକୁଚିତ ତୀକ୍ଷ୍ଣ ଆଖି ଦି'ଟା ଏପଟକୁ ସେପଟକୁ ହେଉଥାଏ ଆଗ୍ରହ ସହକାରେ। ତା'ର ମୁଣ୍ଡର ବାଳଗୁଡ଼ାକ ଛୋଟ ଛୋଟ ହୋଇ କଟା ଆଉ ସେ ଦାଢ଼ି ଛଅର ହେଉଥିଲା। ତା'ର ନିଶ ଦି'ପଟ ଥିଲା ହାଲୁକା କଳା ରଙ୍ଗ, ଘନ ଓ ଯୋଦ୍ଧାର ନିଶ ଭଳି । ସେଥିରେ ତା'ର ପାଟିଟା ଢାଙ୍କି ହୋଇପଡ଼ିଥିଲା , ସେଥିଯୋଗୁଁ ତା'ର ମୁହଁଟା ବଡ଼ ରୁକ୍ଷ ଦେଖାଯାଏ । ତା'ର ବାଁ ଗୋଡ଼ଟି ହୁଏତ ଭାଙ୍ଗି ଯାଇଥିଲା, ନୋହିଲେ ସନ୍ଧିରୁ ଛାଡ଼ି ଯାଇଥିଲା। ସେ ଗୋଡ଼ଟି ଏଭଳି ଖସିଯାଇଥିଲା ଯେ ଡାହାଣର ଗୋଡ଼ଠୁଁ ସେଇଟା ଅଧିକ ଡେଙ୍ଗା ଜଣାପଡୁଥିଲା। ଚାଲିବା ବେଳେ ସେ ଯେତେବେଳେ ଗୋଡ଼ ଉଠାଏ, ସେତେବେଳେ ସେଇଟା ଶୂନ୍ୟରେ ହଲିଯାଇ ଗୋଟାଏ ପଟକୁ ଛିଟିକି ଯାଉଥିଲା। ଏହି ବୈଶିଷ୍ଟ୍ୟ ଲାଗି ତା'ର ଡାକନାମ ଥିଲା ଜିଗ୍‌ଲେଗ୍।

www.jatayu.org

# ସାଥୀ

କବି ରଘୁନାଥ ଦାସ

ହୋପ୍‌ଫୁଲ୍ ଥିଲା ତା ସାଙ୍ଗଠାରୁ ବୟସରେ ପାଞ୍ଚବର୍ଷ ବଡ଼। ଜିଗ୍‌ଲେଗ୍‌ଠୁ ତା'ର ମୁଣ୍ଡଟି ଛୋଟ ଆଉ କାନ୍ଧ ଅଧିକ ଓସାରିଆ। କିନ୍ତୁ ସେ ସବୁବେଳେ କାଶୁଥାଏ- ଘଡ୍ ଘଡ୍ ସବୁବେଳେ।ତା'ର ଗୋଲିଆ ମୁହଁ ଉପରେ ଅଧା କଞ୍ଚା ଅଧା ପାଚିଲା ଦାଢ଼ି। ତା ମୁହଁର ଈଷତ୍ ହଳଦିଆ ରଙ୍ଗ ସେଥିରେ କିନ୍ତୁ ଢାଙ୍କି ଯାଉନଥିଲା। ତା'ର ଆଖି ଦି'ଟା ଥିଲା ଢେଗା ଢେଗା... କଳା। ସେହି ଆଖିରେ ସେ ସବୁ ଜିନିଷକୁ ଦେଖୁଥିଲା ଅପରାଧୀ ଓ ଅମାୟିକ ଦୃଷ୍ଟିରେ । ଚାଲିଲା ବେଳେ ସେ ତା'ର ଗୋଟା ଓଠ ଦୁଇଟିକୁ ଏଭଳି ଚାପିଦିଏ ଯେ ତାହା ଠିକିରି ପରି ଦେଖାଯାଏ ଆଉ ସେଥିରେ ସେ ବୈଚିତ୍ର୍ୟହୀନ ବିଷାଦଭରା ସୁରରେ ଶୁଶୁରି ମାରେ...ସବୁବେଳେ ଏକା ରକମର। ହରେକ୍ ରଙ୍ଗର ଛିଣ୍ଡା କପଡ଼ାର ତାଳି ତଳେ ତାର କାନ୍ଧ ଢାଙ୍କିହୋଇଥାଏ ...ଦିଶେ ସତେ ଯେପରି ପାତ ଥିଲା ଜାକେଟ୍ ପିନ୍ଧିଛି। ଜିଗ୍‌ଲେଗ୍ ପିନ୍ଧେ ବେଲ୍‌ଟ ଦିଆ ଲମ୍ବା ଜାମା।

ହୋପ୍‌ଫୁଲ୍‌ର ବାପା ଥିଲା ଜଣେ ଚାଷୀ । ଆଉ ତାର ସାଥୀ ଜିଗ୍‌ଲେଗ୍‌ର ବାପ ଥିଲା ସମାଧି ଖନନକାରୀ । ଦିନା କେତେ ସେ ଦରୱାନ ଥିଲା । କିଛିଦିନ ବି ଜିନିଷପତ୍ରରେ ମାର୍କା ମାରୁଥିଲା। ଦିହେଁ ଯାକ ସବୁଦିନେ ଏକା ସାଙ୍ଗରେ ରହନ୍ତି। ଆଉ ଚାଷୀମାନେ ସେମାନଙ୍କୁ ଦେଖି କହନ୍ତି, "ଦି ସାଙ୍ଗ ହେଇଟି ଆସିଲେଣି ହୁସିଆର।"

ଦୁଇବନ୍ଧୁ ଗାଁ ଗଣ୍ଡାକୁ ଦୂରରେ ରଖି ପଲ୍ଲୀପଥରେ ଚାଲିଥାଆନ୍ତି ଚାରି ଆଡ଼କୁ ତୀକ୍ଷ୍ଣ ଦୃଷ୍ଟି ପକାଇ। ହୋପ୍‌ଫୁଲ୍ କାଶେ, ଆଉ ଶୁଶୁରି ମାରେ,ଗୀତ ଗାଏ; ତା'ର ବନ୍ଧୁ ଶୂନ୍ୟରେ ଗୋଡ଼ଟିକୁ ଛିଟକାଏ, ସତେ ଯେପରି ସେଇଟି ଚେଷ୍ଟା କରୁଛି ମାଲିକର ବିପଦସଙ୍କୁଳ ପଥରୁ ନିଜକୁ ବିଚ୍ଛିନ୍ନ କରି ଅନ୍ୟକୁଆଡ଼େ ଚାଲିଯିବ। ନୋହିଲେ ଦି'ଜଣଯାକ ବଣକଡ଼ରେ ,ଗହମ କ୍ଷେତ ଭିତରେ ଅଥବା କୌଣସିଠି ଶୁଖିଲା ନାଳ ଭିତରେ ଶୋଇରହି ଶାନ୍ତ ଭାବରେ ଆଲୋଚନା କରନ୍ତି, କଭଳି କିଛି ଚୋରି କରିବେ, ତାହେଲେ ସେମାନେ ଗଣ୍ଡାଏ ଖାଇବେ ।

ଶୀତଦିନେ ଦି'ବନ୍ଧୁ ବଡ଼ **କଷ୍ଟ** ପାଆନ୍ତି । ପୁଲିସ୍ ଆଖିରେ ସେମାନେ ଯେପରି ନ ପଡ଼ନ୍ତି ସେଥିଲାଗି ସେମାନେ ପ୍ରାୟ ପ୍ରତିଦିନ ସନ୍ଧ୍ୟାବେଳେ ଲୁଚାଚୋରା ବାଟରେ ଭିକ୍ଷା କରି ରୁହନ୍ତି। ସେ ସମୟରେ ଚୋରି କରିବା ସମ୍ଭବ ହୁଏ ନାହିଁ ।ଶୀତଦିନ, ସେଦିନ ଗାଁକୁ ଯିବା ମହା ମୁସ୍କିଲ୍, ଗଲେ ବରଫ ଉପରେ ଖୋଜ ରହିଯାଏ। ତା'ଛଡ଼ା ଶୀତରେ ସମସ୍ତେ ଘରଦୁଆର କିଳି ଦେଇଥାଆନ୍ତି। ବରଫ ଭିତରେ ସେମାନେ କଏଦୀ ସାଜିଥାନ୍ତି। ଶୀତଦିନେ ଭୋକରୁ ରକ୍ଷା ପାଇବା ଲାଗି ଦୁଇବନ୍ଧୁଙ୍କୁ ଘୋର ସଂଗ୍ରାମ କରିବାକୁ ପଡ଼େ। ବୋଧହୁଏ ସେମାନଙ୍କଠାରୁ ଅଧିକ ଆକୁଳ ଆଗ୍ରହରେ ଆଉ କେହି ବସନ୍ତର ଆଗମନ ପ୍ରତୀକ୍ଷା କରନ୍ତି ନାହିଁ। ଶେଷରେ ବସନ୍ତ ଆସେ। ଦି ବନ୍ଧୁ ଶାନ୍ତ ଓ କ୍ଲିଷ୍ଟ ହୋଇ ସେମାନେ ସେମାନଙ୍କର ଗିରିସଙ୍କଟରୁ ବାହାରି ପଡ଼ନ୍ତି, କ୍ଷେତ ଉପରେ ଆନନ୍ଦ ଉତ୍‌ଫୁଲ୍ଲିତ ଆଖି ପକାନ୍ତି। ଦେଖନ୍ତି, ତା ଉପରେ ଜମା ହୋଇଥିବା ବରଫ ଝଟପଟ ତରଳି ଯାଉଛି, ମଝିରେ ମଝିରେ ଭୂଇଁର ବାଦାମୀ ରଙ୍ଗ ଦେଖାଯାଇଛି, ଛୋଟ ଛୋଟ

# ସାଥୀ

କବି ରଘୁନାଥ ଦାସ

ଗାଡ଼ିଆଟିମାନ ଆଇନା ପରି ଚକ୍ ଚକ୍ କରୁଛି ଆଉ ନଈ ସବୁ ଆନନ୍ଦରେ କୁଳୁକୁଳୁ ଶବ୍ଦ କରୁଛନ୍ତି। ସୂର୍ଯ୍ୟ ପୃଥିବୀର ଛାତି ଉପରେ ଢାଙ୍କି ଦେଉଛି ତା'ର ଅହେତୁକ ସୋହାଗର ଧାରା। ଦୁଇ ବନ୍ଧୁ ତାହାରି କିରଣରେ ଦେହକୁ ତପ୍ତ କରୁ କରୁ କଳ୍ପନା କରନ୍ତି, ମାଟି ଶୀଘ୍ର ଶୁଖିଯିବ ଓ ଆଉ ଅଳ୍ପଦିନ ପରେ ସେମାନଙ୍କ ପକ୍ଷରେ ଗାଁକୁ ଯାଇ 'କାମ କରିବା' ସମ୍ଭବପର ହେବ। ହୋପ୍‌ଫୁଲ୍‌ର ଥିଲା ଅନିଦ୍ରା ରୋଗ। ସେଇ ଯୋଗୁ ସେ ଖୁବ୍ ସକାଳୁ ତାର ବନ୍ଧୁକୁ ଉଠେଇ ଦେଇ ଆନନ୍ଦରେ କହି ପକାଏ, "ହେ! ଉଠ୍! କାଉ ଫେରିଆସିଲାଣି।"

-" ସେମାନେ ଫେରିଆସିଲେଣି?"

"ହଁ ମା। ସେ ହେଇ ରାବୁଛନ୍ତି।"

କୁଡ଼ିଆରୁ ବାହାରି ପଡ଼ି ଦୁଇବନ୍ଧୁ ଆକୁଳ ଆଗ୍ରହରେ ବହୁବେଳଯାଏ ଅନାନ୍ତି, ଦେଖନ୍ତି କିଭଳି ବସନ୍ତର କଳା ଦୂତମାନେ ବ୍ୟାକୁଳତାରେ ଆକାଶ ପରିପୂର୍ଣ୍ଣ କରି ସେମାନଙ୍କର ନୂଆ ନୀଡ଼ ରଚୁଛନ୍ତି ଓ ପୁରୁଣା ଜୀର୍ଣ୍ଣ ବସାକୁ ପୁଣି ସଜାଡୁଛନ୍ତି।

ହୋପ୍‌ଫୁଲ୍ କହେ, "ଏଥର ଆସିବେ ଚାତକ।" ଏହା କହି ସେ ତାର ଅଧାଛିଣ୍ଡା ପକ୍ଷୀଧରା ଜାଲଟିକୁ ସଜାଡ଼ିବାରେ ଲାଗିଯାଏ।

ଚାତକ ଦଳକୁଦଳ ଆସନ୍ତି। ଦୁଇବନ୍ଧୁ ଯାଇ ଖୋଲାପଡ଼ିଆ ଉପରେ ଯୋଉଠି ବାଦାମୀ ରଙ୍ଗର ଢେରା ଖଣ୍ଡେଥାଏ, ସେଠି ତାଙ୍କର ଜାଲ ଖଣ୍ଡିକ ପାରିଦିଅନ୍ତି,କ୍ଷୁଧାର୍ତ୍ତ ଓ କ୍ଲାନ୍ତ ପକ୍ଷୀଗୁଡ଼ାକ ଯେତେବେଳେ ସଦ୍ୟ ତୁଷାରମୁକ୍ତ ମାଟିରେ ଯେମାନଙ୍କର ଖାଦ୍ୟ ଖୋଜି ବୁଲନ୍ତି, ସେତେବେଳେ ସେହି ଓଦା କାଦୁଆ ପଡ଼ିଆ ଉପରେ ଧାଇଁ ଧାଇଁ ପକ୍ଷୀଗୁଡ଼ାକୁ ଉଡ଼େଇ ଉଡ଼େଇ ଶେଷରେ ଆଣି ଜାଲ ଭିତରେ ପକାନ୍ତି। ବହୁ ଦୂର ଦେଶରୁ ପକ୍ଷୀଗୁଡ଼ାକ ଉଡ଼ିଆସିଥାନ୍ତି; ସେଥିରେ ସେମାନଙ୍କର ଡେଣା ଗୁଡ଼ାକ ବଡ଼ ଅବଶ ହୋଇଯାଇଥାଏ। ପକ୍ଷୀଗୁଡ଼ାକ ଧରି ଦୁଇ ବନ୍ଧୁ ସବୁଯାକ ବିକି ଦିଅନ୍ତି- ପଣକୁ ଗୋଟିଏ କୋପେକ୍... ଏହି ଭାଉରେ। ତା'ପରେ... ଗଛ ଉଠେ। ସେଗୁଡ଼ିକ ତୋଳି ସେମାନେ ବଜାରକୁ ନିଅନ୍ତି, ଗଛପତ୍ରରେ ଯୋଉ ମାଇକିନା ଗୁଡ଼ାକ ବ୍ୟବସାୟ କରନ୍ତି ତାଙ୍କୁ ନେଇ ବିକନ୍ତି। ପ୍ରାୟ ପ୍ରତ୍ୟେକ ବସନ୍ତକାଳ ସେମାନଙ୍କ ହାତରେ କିଛି କିଛି ହେଇଯାଏ...ଅଧିକ ଦି' ଚାରିପଇସା ଆୟ, ପ୍ରତ୍ୟେକ ଜିନିଷକୁ କିପରି କାମରେ ଲଗାଯାଇପାରେ, ସେ କଥା ସେମାନେ ବେଶ୍ ଜାଣନ୍ତି...ଉଇଲୋ, ଆମରୋଳ, ଛତୁ, ଟ୍ୟାପାରି...ଆଉ କିଛି ବାଦ ବାକି ନାହିଁ। ସୈନ୍ୟମାନେ ଆସନ୍ତି ବନ୍ଧୁକ ଲାଖ ଅଭ୍ୟାସ କରିବା ଲାଗି। ଗୁଳିମରା ଶେଷ ହୋଇଗଲେ ଦୁଇ ମିତ ବୁଲେଟ୍ ଗୁଳି ବାହାର କରିବାକୁ ମାଟି ଖୋଳି ପକାନ୍ତି ଆଉ ଗୁଳିଗୁଡ଼ିକୁ ପାଉଣ୍ଡ ବାର କୋପେକ୍ ଦରରେ ବିକନ୍ତି। ଏହିସବୁ ଛିଟୁକୁରା କାମ ଅବଶ୍ୟ ସେ

www.jatayu.org

# ସାଥୀ

କବି ରଘୁନାଥ ଦାସ

ଦୁଇବନ୍ଧୁଙ୍କୁ ଅନଶନ ମୃତ୍ୟୁ କବଳରୁ ରକ୍ଷା କରୁଥିଲା; ହେଲେ ପେଟ ପୂରାଇ ଖାଇବାର ଯେଉଁ ଆନନ୍ଦ, ତା' ସେମାନଙ୍କ କପାଳରେ କ୍ବଚିତ୍ ଜୁଟେ।

*　　　　*　　　　*

ଫଗୁଣମାସ। ଗଛରେ ସବୁଜପତ୍ର ନୂଆ ହୋଇ ଦେଖାଦେଉଛି। ବନଭୂମିକୁ ଆବୃତ କରି ରଖିଛି ନୀଳାଭ କୁଜ୍ଝଟିକା। ପିଙ୍ଗଳ, ଉର୍ବର,ରୌଦ୍ରପ୍ଲାବିତ ପ୍ରାନ୍ତରରେ ଘାସର ନବାଙ୍କୁର। ଏହି ସମୟରେ ଦୁଇ ମିତ ଶସ୍ତା ଦାମର ସିଗାରେଟ୍ ଟାଣିଟାଣିକା ଓ ଗପ କରି କରି ଚାଲିଛନ୍ତି ରାସ୍ତାରେ । ସିଗାରେଟ୍‌ମାନ ସେମାନେ ନିଜ ହାତରେ ମୋଡ଼ିଛନ୍ତି।

"ତୋର କାଶଟା ଦିନକୁ ଦିନ କିମିତି ଶୁଖିଲା କାଶଭଳି ହୋଇଯାଉଚି..."ଜିଗ୍‌ଲେଗ୍ ଶାନ୍ତ ଭାବରେ ତା'ର ବନ୍ଧୁକୁ ସତର୍କ କରିଦେଲା।

"ମୋର ସେଥିପାଇଁ ପରବାୟ ନଥାଏ। ଖରାରେ ସିଝିବି, ଆଉ ମୋ ଦେହ ଭଲ ରହିବ।"

"ହଁ, ମୋର ମନେହୁଏ, ତୋର ହାସପାତାଳକୁ ଯିବା ଉଚିତ୍।"

"ବାଜେ କଥା! ହାସପାତାଳକୁ ଯିବାରେ ମୋର କି ଲୋଡ଼ା? ଯେବେ ମରିବାକୁ ଥିବ, ଯିମିତି ହେଲେ ତ ମରିବି।"

ସେମାନେ ବଣ ଭିତରେ ଚାଲିଥାନ୍ତି, ଗଛଗୁଡ଼ିକର ସରୁଡାଳ ଓ ପତ୍ରର ଛାଇ ନକ୍ସା କାଟିଲା ପରି ତାଙ୍କ ଦେହରେ ପଡୁଥାଏ । ଦଳଦଳ ପକ୍ଷୀ ଆନନ୍ଦରେ ରାବିରାବି ବାଟରେ ଏଠୁ ସେଠିକି ଉଡ଼ିଯାଇଥାନ୍ତି।

କିଛି ସମୟ ଚୁପ୍ ରହିବା ପରେ ଜିଗ୍‌ଲେଗ୍ ମନ୍ତବ୍ୟ ପ୍ରକାଶ କଲା, "ତୁ ଆଗେ ଯିମିତି ଚାଲିପାରିଥିଲୁ, ଏଣିକି ସିମିତି ପାରୁନାହିଁ।"

ହୋପ୍‌ଫୁଲ୍ କହିଲା, "ତା'ର କାରଣ ମୋର ଦମ୍ ଫାଟି ପଡୁଛି। ଏ ସମୟଟାରେ ପବନଟା ଭାରି କିମିତିକା ଆଉ ଓଦାଳିଆ ପବନଟା ବି। ମୁଁ ତ ଢ଼ୋକି ପାରୁନାହିଁ।"

ସେ ଛିଡ଼ା ହୋଇଯାଇ କାଶିବାକୁ ଲାଗିଲା।

କଥା ସାହିତ୍ୟ

# ସାଥୀ

କବି ରଘୁନାଥ ଦାସ

ଜିଗ୍‌ଲେଗ୍ ତା ପାଖରେ ଛିଡ଼ା ହୋଇ ସିଗାରେଟ୍ ଟାଣୁ  ଟାଣୁ ତା ଆଡ଼କୁ ଅଶାନ୍ତ ମନରେ ଅନାଇ ରହିଥାଏ। ହୋପ୍‌ଫୁଲ୍ କାଶୁ କାଶୁ ଥରିବାକୁ ଲାଗିଲା। ତା' ଦି ହାତରେ ଛାତିକୁ ଧରି  ବସି ପଡ଼ିଲା। ମୁହଁଟା ତା'ର ନେଳିଆ ପଡ଼ିଗଲା।

କାଶ ଟିକିଏ ବନ୍ଦ ହେବା ପରେ ସେ କହିଲା, "ଟିକିଏ କାଶିଦେଲେ ମୋର ଫୁସ୍ ଫୁସ୍ ଦି'ଟା ପରିଷ୍କାର ହୋଇଯାଏ।"

ଚଢ଼େଇଗୁଡ଼ାକୁ ଉଡ଼େଇ ଉଡ଼େଇ ସେମାନେ ଆହୁରି ଦୂରକୁ ଗଲେ ବାହାରି। ସିଗାରେଟ୍‌ର ଅବଶିଷ୍ଟାଂଶକୁ ଫୋପାଡ଼ି ଦେଇ ଛେପ ପକାଇ ଜିଗ୍‌ଲେଗ୍ କହିଲା, "ଆମେ ଏଇଲାଗେ ମୁଖ୍ୟ ନା ଚାଲିଚେଁ। ପଛପଟ ରାସ୍ତାରେ ଆମେ ସେଠିକି ଘୂରିକରି ଯିବା । କିଛି ମିଳିଯାଇପାରେବି। ତା' ପରେ ସିସୋବା ଜଙ୍ଗଲ ଭିତରେ ପଶି ଯିବା କୁଜ୍‌ନେଚିଖାକୁ... ସେଠୁ ଲେଉଟିବା ମାର୍‌କୋରକାକୁ, ତା'ପରେ ଘରକୁ ଫେରିବା।"

ହୋପ୍‌ଫୁଲ୍ କହିଲା, "କୋଡ଼ିଏ ମାଇଲ୍ ବାଟ ପଡ଼ିବ।"

-"କିଛି ଯେବେ ମିଳିଯାଏ।"

ରାସ୍ତାର ବାଁ ପଟରେ ଗୋଟାଏ ବଣ ଥିଲା, ବଣଟା ଦେଖିବାକୁ କାଳିଆ,ଦୁର୍ଭେଦ୍ୟ; ତା'ର ନଗ୍ନ ଶାଖାଗୁଡ଼ାକ ଉପରେ ଦୃଷ୍ଟିକୁ ତୃପ୍ତ କରିବା ଲାଗି ସବୁଜପତ୍ର ଦି'ଟା ନଥିଲା । ବର କଡ଼ରେ ଚରିବୁଲୁଥିବା ଲୋମଶ, ଅତି କ୍ଷୀଣ ଓ ଖର୍ବକାୟ ଗୋଟିଏ ଘୋଡ଼ା । ପିମ୍ପାଁର ଲୁହା ବେଢ଼ା ଭଳି ତା'ର ପଞ୍ଜରା ହାଡ଼ଗୁଡ଼ାକ ଅତି ସ୍ୱଷ୍ଟ ଭାବରେ ଦେଖାଯାଉଥିଲା। ଦୁଇ ବନ୍ଧୁ ପୁଣି ଛିଡ଼ାହେଲେ, ସେମାନେ ଘୋଡ଼ାଟିକୁ ଅନେଇ ରହିଲେ ଅନେକ ବେଳଯାଏଁ । ଘୋଡ଼ାଟି ଗୋଟିଏ ଗୋଡ଼ ପରେ ଆଉ ଗୋଟିଏ ଗୋଡ଼ ଅତି ଆସ୍ତେ ପକାଉଛି,ଥୋମଣିଟା ଭୂଇଁରେ ଲଗେଇ ଦେଇ ଶୀର୍ଣ୍ଣ ଘାସଗୁଡ଼ାକ ପାଟିରେ ଚାପି ଧରି ହଳଦିଆ ଦାନ୍ତଗୁଡ଼ାକରେ ସାବଧାନରେ ଚୋବାଉଛି।

"ଘୋଡ଼ାଟା କି ରୋଗା ହୋଇଯାଇଚି" ହୋପ୍‌ଫୁଲ୍ କହିଲା।

"ହେଁ,ହେଁ" ଜିଗ୍‌ଲେଗ୍ ଘୋଡ଼ାକୁ ଘଉଡ଼ାଇବା ଲାଗି ପାଟିକଲା। ଘୋଡ଼ାଟା ତା'ଆଡ଼କୁ ଅନେଇଲା। ମୁହଁ ହଲାଇ ଫେର୍ ଭୂଇଁରେ ଥୋମଣି ମାଡ଼ିଦେଲା।

ହୋପ୍‌ଫୁଲ୍ ଘୋଡ଼ାର କ୍ଳାନ୍ତ ପଦକ୍ଷେପରେ ଅର୍ଥ କଲା, "ସେ ତତେ ପସନ୍ଦ କରୁନାହିଁ ମୋଟେ।"

-"ଚାଲ୍ ମା। ଯଦି ୟାକୁ ଧରି ତାତାରଙ୍କୁ ବିକିଦବା, ସାତଟଙ୍କା ମିଳିଯିବ।"

www.jataayu.org

# ସାଥୀ

କବି ରଘୁନାଥ ଦାସ

ଜିଗ୍‌ଲେଗ୍ ଗମ୍ଭୀର ଭାବରେ କହିଲା ।

"ନା, ସେମାନେ ଦେବେ ନାହିଁ। ଏଇଟା ତାଙ୍କର କୋଉ କାମକୁ ପାଇବ ଯେ?"

"ଚମଡ଼ାଟା..."

"ଚମଡ଼ାଟା? ଚମଡ଼ାଟା ଲାଗି ସେମାନେ କ'ଣ ଏତେଗୁଡ଼ାଏ ଟଙ୍କା ଦେବେ?ସେମାନେ ଏଥିଲାଗି ତିନିଟଙ୍କାରୁ ମୋଟେ ବେଶି ଦେବେ ନାହିଁ।"

"ତେବେ ବି । ତିନିଟଙ୍କା ଆସେକାହୁଁ।"

"କିନ୍ତୁ ଚମଡ଼ାଟା ଦେଖ ଭଲା। ସେ ତ ଚମଡ଼ା ନୁହେଁ, ବାରଛିଣ୍ଡା।"

ଜିଗ୍‌ଲେଗ୍ ତାର ବନ୍ଧୁଆଡ଼େ ଚାହିଁ କିଛି ସମୟ ଚୁପ୍ ହୋଇ ରହିଲା, "ଆଏ?"

ହୋପ୍‌ଫୁଲ୍ ସନ୍ଦେହ ସହିତ କହିଲା, "ବିପଦ ଅଛି..."

"କାହିଁକି?"

-"ଆମ ପାଦଚିହ୍ନ ରହିବ...ଓଦାମାଟି...ଲୋକେ ଠଉରେଇ ପାରବେ ଆମେ କୋଉଠିକି ଗଲୁଁ ବୋଲି।"

-"ଘୋଡ଼ା ଗୋଡ଼ରେ ଆମେ ଚମଡ଼ାର ଯୋତା ପିନ୍ଧାଇ ଦେବା।"

-"ହଁ, ହବ।"

-"ଚାଲ ତେବେ। ତାକୁ ଆଗ ବଣକୁ ତଡ଼ି ଦେବା, ଅନ୍ଧାର ହେଲା ଯାଏଁ ସେଠି ରହିବା, ରାତିକି ସେଇଟାକୁ ଧରି ତତାରଙ୍କ ପାଖକୁ ଯିବା । ଜାଗାଟା ଏଠୁ ବେଶୀ ବାଟ ନୁହେଁ।"

"ଚାଲ । ନାହିଁ ମାମୁଁଠାରୁ ମାମୁଁ-ତୁ ତ ଭାଇ ଜାଣୁ-କିଛି ଯେବେ...?"

"ନାଇଁ ମ । କିଛି ହବ ନାହିଁ।" ଜିଗ୍‌ଲେଗ୍ ସ୍ଥିର ବିଶ୍ବାସରେ କହିଲା।

ସେମାନେ ବାଟ ଛାଡ଼ି ଚାରିକଡ଼କୁ ଆଖି ପକେଇ ବଣ ଆଡ଼କୁ ଚାଲିଲେ । ଘୋଡ଼ାଟା ସେମାନଙ୍କ ଆଡ଼କୁ ଅନାଇଲା,

www.jatayu.org

Powered by Tekons

# ସାଥୀ

*କବି ରଘୁନାଥ ଦାସ*

ଲାଞ୍ଜଟା ହଲାଇଲା, ପୁଣି ଶୀର୍ଣ୍ଣ ଘାସଗୁଡ଼ାକୁ ଚୁଙ୍କିବାକୁ ଲାଗିଲା।

* * *

ବଣ ଭିତରେ ଗଭୀର ନାଳତଳଟା ଅନ୍ଧାର , ଆର୍ଦ୍ର ଓ ସ୍ତବ୍ଧ ।ସେହି ସ୍ତବ୍ଧତା ମଧ୍ୟରେ ବହିଚାଲିଛି ଗୋଟିଏ ସ୍ରୋତସ୍ୱିନୀର କଳତାନ, ବିଳାପଧ୍ୱନି ପରି କରୁଣ ଓ ବୈଚିତ୍ରହୀନ । ନାଳଟାର ତୀକ୍ଷ୍ଣ ଅତଡ଼ି ଉପରୁ ଝୁଲି ପଡ଼ିଛି ହେଜେଲ୍ , ସ୍ନୋବଲ୍, ଓ ହନିସାକଲ୍ ନଟିର ପତ୍ରବିହୀନ ଡାଳଗୁଡ଼ାକ। ବସନ୍ତର ଧାରାରେ ଧୋଇ ଯାଇ ଏଠି ସେଠି ଗଛଗୁଡ଼ାକର ଚେରଗୁଡ଼ିକ ଦିଶୁଛି- ଅସହାୟତାର ଛବି ଆଙ୍କି। ବଣ ଏବେ ବି ସଜୀବ ହୋଇ ଉଠିନାହିଁ;ସନ୍ଧ୍ୟାର ଧୂସରତା ତାହାର ବୈଚିତ୍ରହୀନ ଜଡ଼ ପାଂଶୁତାରେ ଓ ଚତୁର୍ଦ୍ଦିଗରେ ଲୁକ୍କାୟିତ ବିଷାଦମୟ ସ୍ତବ୍ଧତାରେ ଯୋଗ କରିଦଉଛି ସମାଧିଭୂଇଁର ନିରାନନ୍ଦମୟ ପ୍ରଗାଢ଼ ଶାନ୍ତି।

ଅନେକ ବେଳଯାଏଁ ଦୁଇ ବନ୍ଧୁ  ବସିରହିଲେ ଆର୍ଦ୍ର ଓ ଶାନ୍ତ ସେହି ସନ୍ଧ୍ୟାର ଅନ୍ଧକାରରେ ନାଳତଳେ ଆଶେପେନ୍ ବୁଦା କଡ଼େ। ବୁଦାଟା ବଡ଼ ଗୋଟାଏ ମାଟି ଟେଳାର ଚାପରେ ଉପରୁ ତଳକୁ ଗଡ଼ିପଡ଼ିଥିଲା। ତାଙ୍କ ସାମନାରେ ନିଆଁ ଜଳୁଛି; ଦିହେଁ ସେଥିରେ ହାତ ସେକୁଚନ୍ତି ଆଉ ତା'ପରେ ମଝିରେ ମଝିରେ ଛୋଟ ଛୋଟ ଡାଳ ଖଣ୍ଡେ ଲେଖା ପକାଉଛନ୍ତି; ସେଥିରୁ ଯେପରି ଧୂଆଁ ନ ଉଠେ, ନିଆଁଟା ଯିମିତି ସମାନ ଭାବରେ ଜଳେ ସେଥିଲାଗି ସେମାନେ ବି ସାବଧାନତା ଅବଲମ୍ବନ କରୁଛନ୍ତି।

ଘୋଡ଼ାଟା ଟିକିଏ ଦୂରରେ ଛିଡ଼ା ହୋଇଛନ୍ତି। ହୋପ୍‌ଫୁଲ୍ କାନ୍ଧରେ ଯେଉଁ ଛିଣ୍ଡା କପଡ଼ା ଖଣ୍ଡେ ଥିଲା, ସେଥିରୁ ଖଣ୍ଡେ ଛିଣ୍ଡେଇ ସେମାନେ ଘୋଡ଼ାର ମୁହଁକୁ ବାନ୍ଧି ଦେଉଛନ୍ତି ଆଉ ତାକୁ ଗୋଟାଏ ଗଛର ଶିଆଳରେ ବାନ୍ଧି ରଖିଛନ୍ତି।

ହୋପ୍‌ଫୁଲ୍ ନିଆଁ ପାଖରେ ବସି ରହିଥାଏ, ସିଆଡ଼କୁ ଅନାଇ ଗମ୍ଭୀର ମୁହଁ କରି ଶୁଶୁରି ମାରୁଥାଏ ମଝିରେ ମଝିରେ । ତା'ର ସାଥୀ ସେତେବେଳେ ଓସିୟାର ଗଛରୁ ଡାଳ ଗୋଛାଏ କାଟି ସେଗୁଡ଼ିକ ନନେଇ ଗୋଟାଏ ଝୁଡ଼ି ତିଆରି କରୁଥାଏ। ଝୁଡ଼ି ତିଆରି କରିବାରେ ସେ ବ୍ୟସ୍ତ, ଆଉ କିଛି କଥାଭାଷା ନାହିଁ।

ଝରର କରୁଣ ଧ୍ୱନି ଓ ସେହି ହତଭାଗ୍ୟର ମୃଦୁ ଶୁଶୁରି ଏକାସାଙ୍ଗରେ ସଂଯୁକ୍ତ ହୋଇ ସନ୍ଧ୍ୟା ଓ ବନଭୂଇଁର ସ୍ତବ୍ଧତା ଉପରେ କ୍ରନ୍ଦନର ରାବ ଭଳି ଭାସି ବୁଲୁଛି।

"ଆମେ କଅଣ ବେଗେ ଯିବା?"ହୋପ୍‌ଫୁଲ୍ ପଚାରିଲା।

ଜିଗ୍‌ଲେଗ୍ ତା କାମରେ ଲାଗିଥାଏ । ସେଥିରୁ ମୁଣ୍ଡ ନ ଟେକି ସେ ଜବାବ ଦେଲା "ଦିନ ଏବେ ବି ଟିକିଏ ଅଛି ପୁରା

Powered by Tekons



www.jatayu.org

# ସାଥୀ

କବି ରଘୁନାଥ ଦାସ

ଅନ୍ଧାର ଘୋଟିଲା ପର୍ଯ୍ୟନ୍ତ ଆମେ ଯିବା"।

ହୋପ୍‌ଫୁଲ୍ ଦୀର୍ଘନିଃଶ୍ବାସ ପକାଇ କାଶିବାକୁ ଲାଗିଲା।

"ହଣ୍ଡା ମାଲୁମ୍ ହଉଛି ନାହିଁ"।ତା'ର ବନ୍ଧୁ ଅନେକବେଳ ଯାଏଁ ଚୁପ୍ ରହିବା ପରେ ଯେ ପ୍ରଶ୍ନଟା ପଚାରିଲା।

"ନା, ମୋ ଦେହଟା ପୁରା ଭଲ ନାହିଁ"।

"ଏମିତି କଥା!" ଜିଗ୍‌ଲେଗ୍ ମୁଣ୍ଡ ହଲେଇଲା।"

"ମୋ କଲିଜା ଭିତରେ କେମିତି କଷ୍ଟ ହେଉଛି। "

"ବେରାମ, ଆଏଁ?"

"ସେଇଭଳିଆତ ମାଲୁମ୍ ହେଉଛି...ଆଉ କିଛି ବି ହୋଇପାରେ ।"

ଜିଗ୍‌ଲେଗ୍ କହିଲା,"ଦେଖ ଭାଇ ଚିନ୍ତା କରନାହିଁ"।

"କୋଉ କଥା "

"ଏହି ସବୁ କଥା "।

ହୋପ୍‌ଫୁଲ୍ ହଠାତ୍ ସଜୀବ ହୋଇଉଠିଲା। ଦେଖ ଭାଇ, ମୁଁ ନ ଭାବି ରହିପାରେ ନାହିଁ ।ସେଇଟା ଆଡ଼କୁ ଅନେଇଲୁ । କଅଣ, ସେ ଘର ଆଡ଼କୁ ଆଙ୍ଗୁଠି ବଢ଼େଇ ଦେଖେଇଲା । ମୁଁ ସିଆଡ଼େ ଅନେଇଲାରୁ ମୋର ମନେ ପଡ଼ିଯାଉଛି ମୋର ବି ଏହିପରି ଗୋଟେ ଘୋଡ଼ା ଥିଲା...ଏଇଟାକୁ ଅନେଇଲେ ଆଉ କିଛି ମୁଁ ଭାବେନାହିଁ, ହେଲେ ଚଷା ଘରେ ଯାର ମୂଲ୍ୟ ଅଛି ଖୁବ୍ । ବେଳେ ମୋର ବି ହଳେ ଥିଲେ... ସେବେ ମୁଁ ଭାରି ଖଟି ପାରୁଥିଲି ।

"ତୁ ସେଥିରୁ ପାଉଥିଲୁ କଅଣ? ତୋର ଏଇ କଥାଟା ମୁଁ ପସନ୍ଦ କରିପାରେ ନାହିଁ । ତୁ ଯେବେ ଥରେ ଗୋଟିଏ କଥା ଆରମ୍ଭ କରୁ ଆଉ ବନ୍ଦ ନ ହେଉ କାହିଁରେ । ସେଥିରୁ କି ଲାଭ ପାଉ ଭଲା? "

ଟିକି ଟିକି କରି ଭଙ୍ଗା ହୋଇଥିବା ବେଜାଏ ଡାଳି ନେଇ ହୋପ୍‌ଫୁଲ୍ ନିଆଁରେ ପକେଇଦେଇ ସିଆଡ଼କୁ ଅନାଇ ରହିଲା-ଝୁଲଗୁଡ଼ାକ ନିଆଁରୁ ଉଠି ଥଣ୍ଡା ପବନରେ ଭାସି ଯାଉଛନ୍ତି। ସେ ଆଖି ମିଟିମିଟି କରୁଥାନ୍ତି ,ତା, ମୁହଁରେ ପଡୁଥାଏ

www.jataayu.org

# ସାଥୀ

କବି ରଘୁନାଥ ଦାସ

ଛାଇ  ତା'ପରେ ସେ ଘୋଡ଼ାଟା ଆଡ଼କୁ ମୁହଁ ଫେରାଇ ସିଆଡ଼େ ଅନେକ ବେଳଯାଏ ଅନାଇରହିଲା।

ଘୋଡ଼ାଟା ସ୍ଥିର ହୋଇ ଛିଡ଼ା ହୋଇଥାଏ ସତେ ଯେପରି ତାକୁ କିଏ ମାଟିରେ ପୋତି ଦେଇଛି । ତା' ମୁଣ୍ଡରେ ଲୁଗାଟା ଗୁଡ଼ାହୋଇ ସେଇଟା ଦେଖାଯାଉଥାଏ ବଡ଼ ଅଦ୍ଭୁତ। ମୁଣ୍ଡଟା ତା'ର ତଳକୁ ନଇଁ ପଡ଼ିଛି ଅବସନ୍ନ ହୋଇ।

ଜିଗ୍‌ଲେଗ୍ କଠୋର କଣ୍ଠରେ ଦୃଢ଼ତାର ସହିତ କହିଲା "ସବୁ କଥାକୁ ଆମେ ଆହୁରି ସହଜ ଭାବରେ ଦେଖିବା।ଆମର ଜୀବନ ହେଉଛି ଏଇ ରକମ...ଗୋଟାଏ ଦିନ, ଗୋଟାଏ ରାତି ଚବିଶ ଘଣ୍ଟା ଏବେ କଟିଗଲା। ଯେବେ ଖାଇବାକୁ ଅଛି...ଭଲ ଯଦି ନାହିଁ ବା ଟିକିଏ କେଁ କାଁ କର, ତାପରେ ରହ। କାନ୍ଦିଲେ ତ ଲାଭ ନାହିଁ କିଛି କିନ୍ତୁ ତୁ ଯେବେ ଥରେ ସୁର ଧରିଲୁ ଆଉ ତାର ବନ୍ଦ ନାହିଁ। ଶୁଣିବାକୁ ଆଗ ବିରକ୍ତ ଲାଗେ। ତୋ ଦେହ ଖରାପ ବୋଲି ସେମିତିକା ହେଉଛୁ। "

ହୋପ୍‌ଫୁଲ୍ ନମ୍ର ଭାବରେ ସ୍ବୀକାର କଲା "ସତ,ମୋ ଦେହ ଖରାପ ଯୋଗୁଁ " ତା'ପରେ ଟିକିଏ ରହି ପୁଣି କହିଲା "ହେଇପାରେ , ମୋ ମନଟା ବଡ଼ ନରମିଆ।"

ଜିଗ୍‌ଲେଗ୍ ତାକୁ ସ୍ପଷ୍ଟ ଭାବରେ କହିଦେଲା"ବେରାମ ଯୋଗୁଁ ତୋର ମନଟା ନରମ ହୋଇଯାଇଛି।"

ହୋପ୍‌ଫୁଲ୍ ଦୃଢ଼ ଭାବରେ କହିଲା, "ମୁଁ ପୂରା ସୁସ୍ଥ ଅଛି ସେଥିପାଇଁତ ମୁଁ ୟା କରୁନାହିଁ "

ଘୋଡ଼ାଟା ଗୋଟାଏ ପାଦ ବଦଳାଇ ଅନ୍ୟ ପାଦରେ ଛିଡ଼ାହେଲା, ଗୋଟାଏ ଛୋଟ ଡାଳ ମଟ୍ କରି ଶବ୍ଦ କଲା, ଉପରୁ ତଳେ ନାଳର ପାଣିରେ ଛେଲାଏ ମାଟି ଝପ୍ କରି ପଡ଼ିଲା । ତାହାର ସୁମଧୁର ଧ୍ବନୀ ଧାରା ସଙ୍ଗେ ଏକ ନୂତନ ସୁର ଯୋଡ଼ି ହୋଇଯାଇଥିଲା । ତାପରେ କୁଆଡୁ ଦୁଇଟି ଛୋଟ ପକ୍ଷୀ ଆସି ନାଳଟା ଉପରେ ଉଡ଼ିଗଲେ ଅଶାନ୍ତ ଭାବେ ଡାକିଡାକି । ହୋପ୍‌ଫୁଲ୍ ସେମାନଙ୍କ ଆଡ଼କୁ ଅନାଇଲା ଓ ସେମାନଙ୍କର ଗତିପଥକୁ ଅନୁସରଣ କରି ଧୀର ଭାବରେ କହିଲା-"ଏ ଦି'ଟା କି ପକ୍ଷୀ? ଏମାନେ ଯେବେ ଷ୍ଟାର୍‌ଲିଂ ହୋଇଥାନ୍ତି ତେବେ ଏମାନଙ୍କର ବଣରେ ରହିବା କଥା ନୁହେଁ। ପକ୍ଷୀ ଦୁଇଟି ନିଶ୍ଚୟ ୱାକ୍ସ ଉଇଙ୍ଗ୍ ।"

ଜିଗ୍‌ଲେଗ୍ କହିଲା , "କ୍ରୁସ୍‌ବିଲ୍  ହୋଇଥାଇପାରେବି"।

"କ୍ରୁସ୍‌ବିଲ୍ ବି ଏଡ଼େ ଜଲ୍‌ଦି ଆସିବେ ନାହିଁ। ତାପରେ କ୍ରୁସ୍‌ବିଲ୍ ଗୁଡ଼ାକ ଦେଖିବାକୁ ଏଭର୍‌ଗ୍ରିନ୍ ଭଳି। ସେମାନେବି ଏଠିକି ଆସନ୍ତି ନାହିଁତ। ୱାକ୍ସ ଉଇଙ୍ଗ୍ ଛଡ଼ା ଯେ କିଛି ନୁହେଁ।

www.jataayu.org

# ସାଥୀ

କବି ରଘୁନାଥ ଦାସ

"କିଏ ଜାଣିଛି କଅଣ? "

"ଠିକ୍ କଥା"। ହୋପ୍‌ଫୁଲ୍ ତା କଥାରେ ତାଳ ଦେଇ କାହିଁକି କେଜାଣି ଗଭୀର ନିଃଶ୍ବାସଟିଏ ଛାତିଭିତରକୁ ଟାଣିନେଲା।

ଜିଗ୍‌ଲେଗ୍ କାମ କରୁଥିଲା, ଖୁବ୍ ଜଲ୍‌ଦି ଜଲ୍‌ଦି। ଝୁଡ଼ିର ତଳଟା ବୁଣିସାରି ସେ ଦକ୍ଷତାର ସହିତ ତାହାର କଡ଼ଗୁଡ଼ାକ ବୁଣିବାରେ ଲାଗିଯାଇଥାଏ। ଡାଳଗୁଡ଼ାକ ସେ ଛୁରି ଲଗାଇ କାଟୁଛି, ଦାନ୍ତ ଲଗେଇ ଚିରୁଛି, ଆଉ ଆଙ୍ଗୁଠିରେ ତାକୁ ଚଟାପଟ୍ ବଙ୍କେଇଦେଉଛି ଓ ବୁଣୁଛି ଓ ନିଶ ଦି'ପଟା ଫୁଲେଇଦେଇ ମଝିରେ ମଝିରେ ଫସ୍ କରି ନିଃଶ୍ବାସ ଛାଡ଼ୁଛି ।

ହୋପ୍‌ଫୁଲ୍ ତା ଆଡ଼କୁ ଅନାଇ ରହିଲା। ସେହି ଅବସନ୍ନ ନିଶ୍ଚଳ ଘୋଡ଼ାଟା ଆଡ଼େ ଓ ଅନ୍ଧକାରରେ ଆଚ୍ଛନ୍ନ ପ୍ରାୟ ନକ୍ଷତ୍ରହୀନ ସେହି ଆକାଶ ଆଡ଼େ।

ହଠାତ୍ ସେ ଅଦ୍ଭୁତ କଣ୍ଠରେ କହିଲା "ଜମିଦାର ଘୋଡ଼ାଟିକୁ ଖୋଜିବ;...ଉଠି ପାଇବ ନାହିଁ ...ଇଆଡ଼େ ସିଆଡ଼େ ସେ ଖୋଜିବ...ମୋ ଘୋଡ଼ା କାହିଁ? "

ଜିଗ୍‌ଲେଗ୍ କଠୋର କଣ୍ଠରେ ତାକୁ ପଚାରିଲା "ତୁ ଭାବୁଛୁ ବସି ? " ହୋପ୍‌ଫୁଲ୍ ଅପରାଧୀ ପରି କହିଲା "ଗୋଟାଏ କଥା ମୋର ମନେ ପଡ଼ିଗଲା ।"

"କି କଥା ?"

"କଥାଟା କଅଣ କି...ଥରେ ଗୋଟାଏ ଘୋଡ଼ା ଚୋରି ହୋଇଯାଇଥିଲା  ମୋର ଗୋଟିଏ ସାଇପଡ଼ିଶା ଘର। ତା ନାଁ ହେଉଛି ମାଇଖେଲା...ଡେଙ୍ଗା ଲୋକଟା...ମୁହଁରେ ବସନ୍ତ ଦାଗ ଅଛି..."

"ତାପରେ ?"

"ତାପରେ ତ ଘୋଡ଼ାଟା ଚୋରିହେଲା ।ପଡ଼ିଆରେ ଘାସ ଚରୁଥିଲା, ତାପରେ ସେଇଟା ଆଉ ମିଳିଲା ନାହିଁ ଖୋଜାଖୋଜି ପରେ ଯେତେବେଳେ ମାଇଖେଲା ବୁଝିଲା ଯେ, ତା' ଘୋଡ଼ାଟା ହଜିଲା ଆଉ ମିଳିବ ନାହିଁ ସେତ ଭୂଇଁରେ ଭୁସ୍‌କରି ପଡ଼ି ପାଟିକରି କାନ୍ଦିଲା ତ କାନ୍ଦିଲା । ସେ ଏଭଳି କଚାଡ଼ି ହୋଇ ପଡ଼ିଲା ସେତେବେଳେ, ସତେ ଯେମିତି ତା ଗୋଡ଼ ଦି'ଟା ଭାଙ୍ଗିଗଲା।"

"ତାପରେ"

www.jataayu.org

# ସାଥୀ

କବି ରଘୁନାଥ ଦାସ

"ତାପରେ ...ଏହିପରି ଅନେକ ଦିନ ଗଡ଼ିଗଲା"

"ସେଥିରେ ତୋର କଅଣ ହେଲା?"

ଏହି ସିଧାସଳଖ ପ୍ରଶ୍ନରେ ହୋପ୍‌ଫୁଲ୍ ତାର ସାଥୀ ପାଖକୁ ଲାଗିଆସି ଉତ୍ତର ଦେଲା ଅତି ନିରୀହ ଭାବରେ"ନା, କିଛି ନାହିଁ...ହଠାତ୍ ଘଟଣାଟା କିଭଳି ମୋ ମୁଣ୍ଡକୁ ଆସିଲା କାହିଁକି ନା ଘୋଡ଼ାଗଲେ ଜମିଦାରର ସର୍ବନାଶ ହେଲା। "

ହୋପ୍‌ଫୁଲ୍ ଆଡ଼କୁ ସିଧାସଳଖ ଅନାଇ ଜିଗ୍‌ଲେଗ୍ କଠୋର କଣ୍ଠରେ କହିଲା "ଏଭଳି କଥାବାର୍ତ୍ତାରେ ବିଲ୍‌କୁଲ୍ କିଛି ଲାଭ ନାହିଁ ବୁଝିଲୁ ସେଥିରେ ତୋର ମୁଣ୍ଡ ବଥେଇବାର କଥା ନୁହେଁ...ଯେଉଁକଥା ବୁଝିଲୁ ସେ ହେଉଛି ତୋର ପଡ଼ୋଶୀ ମାଇକିନାର ମୁଣ୍ଡ ବଥେଇବାର ବିଷୟ.।"

ହୋପ୍‌ଫୁଲ୍ କାନ୍ଧଟା ସଂକୁଚିତ କରି ଆପତ୍ତି କଲାଭଳି କହିଲା ,"କିନ୍ତୁ ଦୁଃଖର କଥା ଗୋଟାଏ"

" ଦୁଃଖର! ଆମକୁ ଭଲା ଦୟା କରେ କିଏ।"

"ସେକଥା ସତ "

"ତେବେ ଆଉ ପାଟି କର ନାହିଁ ଆମକୁ ଜଲ୍‌ଦି ଯିବାକୁ ପଡ଼ିବ"।

"ଜଲ୍‌ଦି ?"

"ହଁ"

ହୋପ୍‌ଫୁଲ୍ ନିଆଁ ପାଖକୁ ଲାଗି ବସିଲା, କାଠିଟାରେ ନିଆଁକୁ ଉସ୍‌କାଇଦେଲା । ଆଉ ଆଡ଼ ଆଖିରେ ଜିଗ୍‌ଲେଗ୍ କୁ ଚାହିଁ କୋମଳ ଓ ଅନୁନୟ ସ୍ବରରେ କହିଲା "ଘୋଡ଼ାଟାକୁ ଛାଡ଼ିଦେଲେ ଭଲ ହୁଅନ୍ତା ନାହିଁ "।

ଜିଗ୍‌ଲେଗ୍ କ୍ଷୁର୍ଣ୍ଣ ମନରେ କହିଲା "ତୋ ସ୍ବଭାବଟା ନିଛ"

ହୋପ୍‌ଫୁଲ୍ କୋମଳ ଓ ନମ୍ର କଣ୍ଠରେ କହିଲା " କିନ୍ତୁ ସତ କଥା ଭାବିକରି ଦେଖ୍‌ତ ଏଥିରେ ଭାରି ବିପଦ ଅଛି ୟାକୁ ଆମକୁ ଟାଣି ଟାଣି ନେବାକୁ ହେବ ଚାରି ପାଞ୍ଚ ମାଇଲ୍ ବାଟ...ଆଉ ତାତାର୍ ମାନେ ଯଦି ୟାକୁ ନବାକୁ ରାଜି ନ ହୁଅନ୍ତି ତେବେ ହେବ କଅଣ?"

# ସାଥୀ

କବି ରଘୁନାଥ ଦାସ

"ସେ କଥା ଦେଖାଯିବ "।

"ତୋ ଇଚ୍ଛା ଯାହା କର, କିନ୍ତୁ ଏଇଟାକୁ ଛାଡ଼ିଦେଲେ ଭଲ ହୁଅନ୍ତା। ସିଏ ଯାଇ ଚରିବୁଲି ପାରନ୍ତା। ଦେଖୁନୁ କିଭଳି ବୁଢ଼ା ହଡ଼ାଟାଏ ଏଇଟା"

ଜିଗ୍‌ଲେଗ୍ ତୁନିପଡ଼ିଲା କିନ୍ତୁ ତାହାର ଆଙ୍ଗୁଳି ଗୁଡ଼ାକ ଆହୁରି ଜଲ୍‌ଦି କାମରେ ଲାଗି ଗଲେ ।

ହୋପ୍‌ଫୁଲ୍ ପୁନର୍ବାର ଆରମ୍ଭ କଲା , କୋମଳ କଣ୍ଠରେ ଟାଣିଓଟାରି ହୋଇ କିନ୍ତୁ କଥାରେ ଥିଲା ଅଧିକ ଜିଦ୍-ଏଇଟାକୁ ନେଇ ଆମେ ପାଇବା ବା କେତେ? ଆଉ ଏଇଟା ହେଉଛି ସବୁଠୁ ଭଲ ବେଳା ଏଇଲାଗେ ତ ଅନ୍ଧାର ମାଡ଼ିଆସିବ।ଯେବେ ଆମେ ଏଇ ନାଳଟା କଡ଼େକଡ଼େ ଯିବା ତେବେ ଦୁବେଷ୍କାଠି ଯାଇ ପହଞ୍ଚିବା । ସେଠି ଆଉ କାମରେ ଲାଗିବା ଭଳି କିଛି ପାଇ ଯାଇପାରିବା ହୁଏତ।

ହୋପ୍‌ଫୁଲ୍‌ର ଏକଜିଦିଆ କଥା ଗୁଡ଼ାକ ଜଳଧାରାର କଳଧ୍ବନୀ ସହିତ ଜଡ଼ିତ ହୋଇ ନାଳଟା ଭିତରେ ଭାସିଭାସି ଚାଲିଥିଲା ଆଉ ଅଧ୍ୟବସାୟୀ ଜିଗ୍‌ଲେଗ୍‌କୁ କରୁଥିଲା ଅଧିକ ବିରକ୍ତ। ସେ ଚୁପ୍ କରି ରହିଥାଏ ।ତାହାର ଦାନ୍ତରେ ଫୁଟିଉଠିଲା ଦୃଢ଼ତାର ଚିହ୍ନ ଓ ଉତ୍ତେଜନାରେ ତାର ଆଙ୍ଗୁଳିଗୁଡ଼ିକର ମଟ୍‌ମଟ୍ ଶବ୍ଦ ଶୁଭିଲା ।

ଏତିକିବେଳେ ସ୍ତ୍ରୀ ଲୋକମାନେ ସେମାନଙ୍କର ଲୁଗା ପରିଷ୍କାର କରୁଛନ୍ତି।

ଘୋଡ଼ାଟା ସଶବ୍ଦେ ଦୀର୍ଘଶ୍ବାସ ଛାଡ଼ିଲା ଓ ଚଞ୍ଚଳ ହୋଇଉଠିଲା । ଅନ୍ଧକାରରେ ସେ ଦେଖାଗଲା ଆହୁରି କୁତ୍ସିତ ଓ କରୁଣ। ଜିଗ୍‌ଲେଗ୍ ତା ଆଡ଼କୁ ଅନେଇଲା ଓ ନିଆଁ ଭିତରକୁ ଛେପ ପକାଇଲା ।

ମାଇ ହଂସ ଗୁଡ଼ିକ ଏଇଲାଗେ ବାହାରକୁ ଆସୁଛନ୍ତି...ଗଭୀର ଜଳରେ ସେମାନେ ପହଁରୁଛନ୍ତି।

ହକ୍ କଥା କହୁଛି...."ମୋ ଉପରେ ରାଗିବ ନାହିଁ, ଷ୍ଟେପାନ୍, ସେହିଟାକୁ ଛାଡ଼ିଦେ ସତେ"

"ତୁ ଆଜି କିଛି ଖାଇବାକୁ ପାଇଛୁ? "ଜିଗ୍‌ଲେଗ୍ ଚିତ୍କାର କଲା ।

ବନ୍ଧୁର ଚିତ୍କାରରେ ଲଜ୍ଜିତ ଓ ଭୀତ ହୋଇ ହୋପ୍‌ଫୁଲ୍ ଜବାବ ଦେଲା। "ନା"

"ତେବେ ତୁ ଏଇଠି ବସି ସୁଖିସୁଖି ମର "

ହୋପ୍‌ଫୁଲ୍ ତା ଆଡ଼କୁ ନୀରବରେ ଦୃଷ୍ଟିପାତ କଲା ଆଉ ଓସିଆର ଡାଳଗୁଡ଼ିକ ଏକାଠ ଗଦା କରି ସେଥିରେ ଗୋଟିଏ

# ସାଥୀ

କବି ରଘୁନାଥ ଦାସ

ବାନ୍ଧି ଘୋଡ଼ା ଭଳି କ୍ରୋଧରେ ନାକରେ ଗୋଟାଏ ଶବ୍ଦ କଲା। ମୁଛବାଲା ତାର ମୁହଁ ଉପରେ ନିଆଁରେ ତାତି ପଡ଼ିଲା;ମୁହଁଟା ଦେଖାଗଲା ଲାଲ ଆଉ କ୍ରୁଦ୍ଧ।

ହୋପ୍‌ଫୁଲ୍ ମୁହଁ ବୁଲେଇ ପକେଇଲା ଆଉ ଦୀର୍ଘଶ୍ବାସ ଛାଡ଼ିଲା ।

ଜିଗ୍‌ଲେଗ୍ କ୍ରୁଦ୍ଧ ଓ କର୍କଶ କଣ୍ଠରେ କହିଉଠିଲା , " ଶୁଣ୍ ତୋ ଇଚ୍ଛା ଯାହା ,ତୁ ତା କର, ମୋର...। ହେଲେ, ତତେ ଏଣିକି କହି ଦେଉଛି, ତୁ ଯେବେ ଏହିଭଳିଆ ଚଳୁ,ମୁଁ ଆଉ ତୋର ସାଥୀ ହୋଇପାରିବି ନାହିଁ। ବେଶ୍ ହେଲା, ମୁଁ ତୋତେ ଜାଣେ,ସେଥିଲାଗି...।"

-" ତୁ ଗୋଟାଏ ଅଦ୍‌ଭୁତ ଲୋକ..."

-"ଆଉ କିଛି ଶୁଣିବାକୁ ମୁଁ ଚାହେଁ ନାହିଁ।"

ହୋପ୍‌ଫୁଲ୍ ସଂକୁଚିତ ହୋଇ ବସିରହି କାଶିବାକୁ ଲାଗିଲା। ତା'ପରେ ତା'ର କାଶ ବନ୍ଦ ହେଲାରୁ ସେ ଧଇଁ ପେଲିଲା ପରି ହୋଇ କହିଲା..."ମୁଁ କାହିଁକି ତତେ ବାରମ୍ବାର ଏ କଥାଟା କହୁଛି । କାରଣ ହେଉଛି, ଏଥିରେ ବିପଦ ଅଛି।"

-"ଆଚ୍ଛା" ଜିଗ୍‌ଲେଗ୍ ରାଗରେ ଚିତ୍କାର କରିଉଠିଲା।

ହୋପ୍‌ଫୁଲ୍ ଛିଡ଼ାହେଲା ତା'ର ବନ୍ଧୁ ଆଡ଼କୁ ଚାହିଁ ସେ ଶାନ୍ତ ଭାବରେ ଆଗେଇ ଗଲା ଘୋଡ଼ାଟା ପାଖକୁ ।

-"ଏଇ ଭଗବାନ ତୋତେ ରଖନ୍ତୁ । ଭୟନାହିଁ "ତା'ର ଶୂନ୍ୟ କଣ୍ଠସ୍ବର ନାଳଟା ଭିତରେ ପ୍ରତିଧ୍ବନୀତ ହେବାକୁ ଲାଗିଲା।

ହେଇ !ହେଇ! ଛିଡ଼ା ହ ଚାଲ୍...ଚାଲ୍ ରେ ଏ ବୋକା।ଜିଗ୍‌ଲେଗ୍ ଲକ୍ଷ୍ୟ କରୁଥାଏ , ତା'ର ବନ୍ଧୁ କିପରି ଘୋଡ଼ାନେଇ ବ୍ୟସ୍ତ ହୋଇପଡ଼ିଚି;ତା'ର ମୁହଁରୁ ଛିଣ୍ଡା କପଡ଼ାଟା କାଢୁଛି। ତା ନିଜର ନିଶ ଦିପଟା ସଂକୁଚିତ ହୋଇଆସିଛି।

ଆଗେଇ ଯାଉ ଯାଉ ସେ କହିଲା "ଚାଲ୍ ଯିବା"

"ଚାଲ୍" ହୋପ୍‌ଫୁଲ୍ ତାକୁ ସମର୍ଥନ କଲା ସେମାନେ ନୀରବରେ ଚାଲିଲେ ନାଳ ଭିତରେ ଭିତରେ ,ନାଳଟାରେ ସେତେବେଳେ ଅନ୍ଧକାର ଭରି ରହିଥାଏ ଦି କୂଳ ପୁରାଇ।

ଘୋଡ଼ାଟା ତାଙ୍କର ପଛେପଛେ ଚାଲିଥାଏ । ଟିକିଏ ପରେ ସେମାନେ ପଛରୁ ଶୁଣିପାରିଲେ ପାଣିରେ କଅଣ ଗୋଟାଏ ପଡ଼ିବାର ଶବ୍ଦ। ଶବ୍ଦଟା ଜଳଧାରାର ନିରବଚ୍ଛିନ୍ନ କଳତାନରେ ବାଧା ଘଟାଇଲା ।

www.jetaayu.org

# ସାଥୀ

କବି ରଘୁନାଥ ଦାସ

ହୋପ୍‌ଫୁଲ୍ କହିଲା, "ବୋକା ନଇରେ ପଡ଼ିଯାଇଛି"

ଜିଗ୍‌ଲେଗ୍ ରାଗିଯାଇ ନାକପୁଡ଼ାରେ ଘୋଡ଼ାଭଳି ଶବ୍ଦ କଲା, କିନ୍ତୁ କିଛି କହିଲା ନାହିଁ , ନାଳଟାର ଅନ୍ଧକାର ଓ ବିଷର୍ଣ୍ଣ ସ୍ତବ୍ଧତା ମଧ୍ୟରେ ଛୋଟଛୋଟ ଡାଳ ଓ ପତ୍ରର ମୃଦୁ ଶବ୍ଦ ପ୍ରତିଧ୍ୱନୀତ ହୋଇ ଉଠୁଥିଲା;ଶବ୍ଦ ଭାସି ଭାସି ବୁଲୁଥିଲା , ଯେଉଁଠି ମାଟିରେ ରାକ୍ଷସର ଚକ୍ଷୁପରି ହିଂସାଭରା ଓ ବିଦ୍ରୁପମୟ ସେହି ରକ୍ତିମ ଅଙ୍ଗାରସ୍ତୁପ ଜଳୁଥିଲା, ସେହିଠାରୁ ଚାନ୍ଦ ଉଠିଲା ।

ତା'ର ସ୍ୱଚ୍ଛ ଉଜ୍ଜ୍ୱଳତା ନାଳଟାକୁ ପୂର୍ଣ୍ଣ କରିଦେଲା। କୁହେଳିକାମୟ ବିଷାଦରେ । ସମଗ୍ର ବନଭୂମିକୁ ଆହୁରି ଗଭୀରକରି ନୀରବତାକୁ ଆହୁରି ପୂର୍ଣ୍ଣ ଓ ଆହୁରି କଠୋର କରି ଚାରିଆଡ଼େ ପଡ଼ିଲା ଛାୟା । ବାର୍‌ଚେର ଗଛର ଧଳା ଗଣ୍ଡିଗୁଡ଼ାକ ଜ୍ୟୋସ୍ନାରେ ରୂପେଲିମୟ ହେଇ ଓକ୍,ଏମ୍ ଓ ବ୍ରିସ୍ ଉଡ୍ ଗଛଗୁଡ଼ାକର କଳା ପଟଭୂମି ଉପରେ ଦେଖାଗଲା ମହମ ବତୀପରି । ଦୁଇବନ୍ଧୁ ନାଳଟାର ମଝିରେ ଚାଲିଛନ୍ତି ନୀରବରେ । ଚାଲିବାକୁ କଷ୍ଟ ହେଉଛି, କେତେବେଳେ କେତେବେଳେ ତାଙ୍କ ଗୋଡ଼ ଖସିଯାଉଛି ବା କାଦୁଅରେ ଲାଖି ଯାଉଛି ।ହୋପ୍‌ଫୁଲ୍ ମନେମନେ ନିଃଶ୍ୱାସ ମାରୁଛି ଓ ତା'ର ଛାତି ଭିତରୁ ବାହାରି ଆସୁଛି ଶୁଶୁରି ଭଳି ଶବ୍ଦ,ସଁ ସଁ ଶବ୍ଦ ଓ ଘଡ୍ ଘଡ୍ ଶବ୍ଦ ଯେପରିକି ସେଠି ଗୋଟାଏ ବଡ଼ ଘଡ଼ି ଲୁଚାହୋଇ ରହିଛି ଯୋଉଟାକି ଅନେକ ଦିନ ହେଲା ପରିଷ୍କାର ହୋଇନାହିଁ। ଜିଗ୍‌ଲେଗ୍ ଆଗେଆଗେ ଚାଲିଛି ତାହାର ଦୀର୍ଘ ଓ ସରଳ ଦେହର ଛାୟା ପଡ଼ିଛି ହୋପ୍‌ଫୁଲ୍ ଉପରେ " ଚାଲୁଛି, ସତ?"ସେ କହିଉଠିଲା କ୍ଷୁର୍ଣ୍ଣ ଓ ଅନୁତପ୍ତ ସ୍ୱରରେ, " ଯାଉଛି କୁଆଡ଼େ, ଆମେ କଅଣ ଖୋଜୁଛୁ? ଏଁ"

ହୋପ୍‌ଫୁଲ୍ ଦୀର୍ଘନିଃଶ୍ୱାସ ପକାଇଲା କିଛି କହିଲା ନାହିଁ ।

"ଏଇ ଦିନର ରାତିଗୁଡ଼ାକ ଚଢ଼େଇଅଣ୍ଡଠାରୁ ଛୋଟ। ଗାଁ ରେ ପହଞ୍ଚିବା ପୂର୍ବରୁ ସକାଳ ହୋଇଯିବ ଆମେ କି ରକମ ଚାଲିଛୁ? ସ୍ତ୍ରୀ ଲୋକଙ୍କ ପରି ଚାଲୁଛୁଁ"

"ମୋ ଦେହଟା ଭଲ ଲାଗୁନାହିଁ ଭାଇ " ହୋପ୍‌ଫୁଲ୍ ଶାନ୍ତ କଣ୍ଠରେ କହିଲା।

ଜିଗ୍‌ଲେଗ୍ ଶ୍ଳେଷର ସହିତ କହିଉଠିଲା "ଭଲ ଲାଗୁନାହିଁ...କିନ୍ତୁ କେଉଁଥିପାଇଁ "

ଅସୁସ୍ଥ ଚୋରଟା ଉତ୍ତର ଦେଲା, "ନିଃଶ୍ୱାସ ମାରିବାକୁ କଷ୍ଟ ହେଉଛି ।"

"ନିଃଶ୍ୱାସରେ?ନିଃଶ୍ୱାସରେ କଷ୍ଟ ହୁଏ କାହିଁକି?"

www.jatayu.org

# ସାଥୀ

କବି ରଘୁନାଥ ଦାସ

"ମନେ ହେଉଛି ଦେହ ଖରାପ"।

"ତୁ ଭୁଲ୍ କରୁଛୁ ଏଇଟା ତୋର ବୋକାମି "

ଜିଗ୍‌ଲେଗ୍ ଛିଡ଼ାହେଲା , ତା'ର ବନ୍ଧୁ ଆଡ଼କୁ ମୁହଁ ବୁଲେଇଲା ଏବଂ ତାର ନାକ ତଳକୁ ଆଙ୍ଗୁଳି ହଲେଇ ପୁଣି କହି ଉଠିଲା " ତୋର ନିର୍ବୁଦ୍ଧିଆ ପଣିଆ ପାଇଁ ତୋର ନିଃଶ୍ବାସରେ କଷ୍ଟ ହେଉଛି ହାଃ..... ହାଃ !ବୁଝିଲୁ "ହୋପ୍‌ଫୁଲ୍ ମୁଣ୍ଡ ତଳକୁ କରି ଅପରାଧୀ ପରି କହିଲା-"ତୋ କଥା ଠିକ୍!"

ସେ ଆହୁରି କ'ଣ କହିବାକୁ ଚାହୁଁଥିଲା, କିନ୍ତୁ କାଶର ଜୋର୍‌ରେ ବାଧା ପଡ଼ିଲା। ସେ କମ୍ପିତ ହାତ ଦୁଇଟା ଦ୍ବାରା ଗୋଟିଏ ଗଛର ଗଣ୍ଡିକୁ ଜାବୁଡ଼ି ଧରି ଗୋଟିଏ ଜାଗାରେ ଗୋଡ଼ ବାଡ଼େଇ ବାଡ଼େଇ, ମୁଣ୍ଡ ହଲେଇ ହଲେଇ ବହୁ ସମୟଧରି କାଶିଲା ।

ଜିଗ୍‌ଲେଗ୍ ତା ମୁହଁ ଆଡ଼କୁ ମନୋଯୋଗ ଦେଇ ଅନେଇ ରହିଲା, ଜହ୍ନ ଆଲୁଅରେ ମୁହଁଟା ଦେଖାଗଲା ଅସୁନ୍ଦର, ମାଟିଭଳି ଶାଗୁଆ।

ଶେଷରେ ସେ ରୁକ୍ଷ ସ୍ବରରେ କହିଉଠିଲା-"ତୁ ବଣ-ଦେବତାଙ୍କୁ ନିଦରୁ ଉଠେଇ ଦବୁ।" ଏବଂ କାଶ ଶେଷ କରି ମୁଣ୍ଡଟାକୁ ପଛକୁ ଝୁଙ୍କେଇ ହୋପ୍‌ଫୁଲ୍ ଯେତେବେଳେ ସହଜ ଭାବରେ ନିଃଶ୍ବାସ ନେବାକୁ ଲାଗିଲା, ସେତେବେଳେ ସେ କହିଲା-"ଟିକିଏ ବିଶ୍ରାମ କର। ଏଇଠି ବସ୍।"

ଗଛ-ନଟାର ଛାଇରେ ମାଟି ଉପରେ ଦିଜଣଯାକ ବସିଲେ। ଜିଗ୍‌ଲେଗ୍ ଗୋଟାଏ ସିଗାରେଟ ବଳି ସେଇଟା ଲଗାଇଲା।

www.jataayu.org